# Akashvani, Sambalpur

## SAMBALPURI NEWS EVENING BULLETIN

## 29 June 2025- 7.02 pm- 7.12 pm.

*******************************************

୧- ଶ୍ରୀକ୍ଷେତ୍ର ପୁରୀ ନ ଆଉ କିଛି ସମିଆ ଉତ୍ରୁ ଆଡ଼ପ ମଣ୍ଡପକେ ବିଜେ କର୍‌ବେ ଚତୁର୍ଦ୍ଧା ମୂର୍ତି ।

୨- ସ୍ୱାସ୍ଥ୍ୟକ୍ଷେତ୍ରନୁ ସାମାଜିକ୍ ସୁରକ୍ଷାତକ୍ ସବୁ କ୍ଷେତ୍ରଥି ପରିପୂର୍ଣ୍ଣତାର୍ ସହେତେ ଦେଶ୍ ଆଗ୍‌କେ ବଢୁଛେ ।

- ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି କହେଲେ ପ୍ରଧାନ୍‌ମନ୍ତ୍ରୀ ।

୩- ମୁଖ୍ୟମନ୍ତ୍ରୀଙ୍କର୍ କାର୍ଯ୍ୟବ୍ୟସ୍ତତା ଲାଗି ଆଏବାକାଏଲ୍ ଭୁବନେଶ୍ୱର୍ ଠାନେ ବନ୍ଦ୍ ରହେବା ଅଭିଯୋଗ୍ ଶୁଣାଣି ।

ଆଉର୍

୪- ଲଘୁଚାପ୍‌ର ବଲେ ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ଦେବ୍‌ଗଡ଼୍, ସୁନ୍ଦର୍‌ଗଡ଼୍ ସହେତେ ରାଜ୍ୟର ୧୧ ଟା ଜିଲ୍ଲା ନ ହେବା ଜବର୍ ବର୍ଷା ।

ରଥଯାତ୍ରା ଆର୍ଏନ୍ୟୁ/ ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ବିଶ୍ୱପ୍ରସିଦ୍ଧ ରଥଯାତ୍ରାଥି ବାହାରିଥିବା ଚତୁର୍ଦ୍ଧାମୂର୍ତ୍ତି ଶରଧାବାଲିନୁ ଆଡ଼ପମଣ୍ଡପକେ ବିଜେ କର୍‌ବେ । ସନ୍ଧ୍ୟା ଧୂପ ଉତ୍‌ରୁ ଶ୍ରୀବିଗ୍ରହମାନେ ଗୁଣ୍ଡିଚା ମନ୍ଦିର୍‌କେ ଯିବେ ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ କୁହାଯାଇଛେ । ପହେଲା ମଦନ୍ ମୋହନ୍, ରାମକୃଷ୍ଣ ବିଜେ କର୍‌ବାର୍ ଉତ୍‌ରୁ ସୁଦର୍ଶନ୍ ମହାପ୍ରଭୁଙ୍କର୍ ପହଣ୍ଡି ମୁଲ୍ ହେବା । ରଥ ଉପ୍‌ରେ ସନ୍ଧ୍ୟାଧୂପ ନୀତି ଶେଷ୍ ହେବାର୍ ଉତ୍‌ରୁ ମାହାପୁରୁମାନ୍‌କୁ ଗୋଟି ପହଣ୍ଡିଥି ଗୁଣ୍ଡିଚା ମନ୍ଦିର୍‌କେ ନିଆଯିବା । ଶ୍ରୀକ୍ଷେତ୍ର ବଡ଼ଦାଣ୍ଡ ନ ଭକ୍ତମାନ୍‌କର୍ ଜବର୍ ସମାଗମ୍ ଦେଖିବାର୍‌କେ ମିଲିଛେ । ଶ୍ରୀଗୁଣ୍ଡିଚା ମନ୍ଦିର୍ ଆଗାଡ଼େ ତିନ୍‌ହି ରଥନୁ ମାହାପୁରୁମାନ୍‌କୁ ଶ୍ରଦ୍ଧାଳୁମାନେ ଧୂପ ଦୀପ ଦେଇକରି ଶୃଙ୍ଖଲାର୍ ସହେତେ ଦର୍ଶନ୍ କରୁଛନ୍ ।

ପୁରୀ ଦଲାଚକ୍‌ଟା ଆର୍ଏନ୍ୟୁ/ ସମ୍ବଲପୁର

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ସମିଆଥି ଶ୍ରୀଗୁଣ୍ଡିଚା ମନ୍ଦିର୍ ଆଗାଡ଼େ ଆଏଜ ପହପହ ୪ ବଜେ ରଥ ଉପ୍‌ରେ

ମାହାପୁରୁମାନ୍‌କୁ ଦର୍ଶନ୍ କଲାବେଲ୍‌କେ ଜବର୍ ଭିଡ୍ ଲାଗି ହେଇଥିବା ଦଲାଚକ୍‌ଟାଥି ୩ ଝନ୍ ଶ୍ରଦ୍ଧାଳୁଙ୍କର୍ ଜୀବନ୍ ଯାଇଛେ ।

ଘଟ୍‌ନାକେ ନେଇକରି ମୁଖ୍ୟମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଜରୁରୀ ବୈଠକ୍ ହେଇଯାଇଛେ । ବୈଠକ୍‌ନୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ଘଟ୍‌ନାର୍ ସମ୍ପୂର୍ଣ୍ଣ ପ୍ରଶାସନିକ୍ ତଦନ୍ତ୍ ଲାଗି ନିର୍ଦ୍ଦେଶ୍ ଦେଇଛନ୍ । ମାହାପୁରୁମାନ୍‌କର୍ ରଥଯାତ୍ରାଥି ଏନ୍ତା ଘଟ୍‌ନାକେ ନେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉନ୍ନୟନ୍ କମିଶନ୍‌ଙ୍କର୍ ଅଧୀନ୍‌ଥି ପ୍ରଶାସନିକ୍ ତଦନ୍ତ୍ ଲାଗି ନିର୍ଦ୍ଦେଶ୍ ଦେଇଛନ୍ । ଇତାର୍‌ସହେତେ ପୁରୀ ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକଙ୍କର୍ ବଦ୍‌ଲି କରାଯାଇଛେ । ନୂଆଁ ଜିଲ୍ଲାପାଲ୍ ଭାବେ ଚଂଚଲ୍ ରାଣା, ଆରକ୍ଷୀ ଅଧିକ୍ଷକ୍ ପିନାକ ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଛେ । ସେଆଡ଼େ ରଥଯାତ୍ରାକେ ଶୃଙ୍ଖଲାର୍ ସହେତେ କର୍‌ବାର୍ ଲାଗି ବରିଷ୍ଠ ପୁଲିସ୍ ଅଧିକାରୀ ସୌମେନ୍ଦ୍ର ପ୍ରିୟଦର୍ଶୀ ଆଉ ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲଙ୍କୁ ଦାୟିତ୍ୱ ଦିଆଯାଇଥିବାର୍ ବାବ୍‌ଦେ ମୁଖ୍ୟମନ୍ତ୍ରୀଙ୍କର୍ କାର୍ଯ୍ୟାଳୟନୁ ବିଜ୍ଞପ୍ତି ବାହାରିଛେ ।

ରଥଯାତ୍ରା ଓଡ଼ିଆ ଜାତିର୍ ଗର୍ବ ଆର୍ ଗୌରବ୍ ଆଉ ଇଥି ସାମାଏନ୍ ଅବହେଲା ବର୍‌ଦାସ୍ତ୍ ନାଇଁ କରାଯାଏ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଘଟିଥିବା ଅଘଟନ୍ ଲାଗି ଡିସିପି ବିଷ୍ଣୁ ପତି ଆଉ କମାଣ୍ଡେଂଟ୍ ଅଜୟ ପାଢ଼ୀଙ୍କୁ ଦାୟିତ୍ୱନୁ ନିଲମ୍ବନ୍ କରାଯାଇଛେ ।

ଇତାର୍‌ସହେତେ ମୁଖ୍ୟମନ୍ତ୍ରୀ ମୃତକଙ୍କର୍ ପରିବାର୍ ଲୁକ୍‌କୁ ୨୫ ଲାଖ୍ ଟଙ୍କା ଲେଖା ଆର୍ଥିକ୍ ସାହାଜ୍ ଘୋଷ୍‌ନା କରିଛନ୍ ।

ପୁରୀ ନ ଶ୍ରୀ ଗୁଣ୍ଡିଚା ମନ୍ଦିର୍ ଆଗାଢ଼େ ଚାରମାଳ କାଠ ବୁଝେଇ ଟ୍ରକ୍ ହଠାତ୍ ଭିଡ୍ ଭିତର୍‌କେ ପଶି ଆସ୍‌ବାର୍‌ନୁ ଠେଲାପେଲା ପରିସ୍ଥିତି ଦେଖାଦେଇଥିଲା । ଇ ଦୁଖଦ୍ ଘଟ୍‌ନାଥି ୩ ଝନ୍‌କର୍ ଜୀବନ୍ ଯିବାର୍ ସହେତେ ୮୦ ନୁ ଅଏତ୍‌କା ଆହତ୍ ହେଇଥିବା ଜିଲ୍ଲା ପ୍ରଶାସନ୍ ତର୍‌ଫୁ କୁହାଯାଇଛେ ।

ମନ୍ କି ବାତ୍ ଏନ୍‌ଏସ୍‌ଡି

ଦେଶ୍ ସ୍ୱାସ୍ଥ୍ୟ କ୍ଷେତ୍ର ନୁ ସାମାଜିକ୍ ସୁରକ୍ଷାତକ୍ ସବୁ କ୍ଷେତ୍ରଥି ପରିପୂର୍ଣ୍ଣତାର୍ ଚିନ୍ତାଧାରା ସହେତେ ଆଗ୍‌କେ ବଢୁଛେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଇଟା ହେଉଛେ ସାମାଜିକ୍ ନ୍ୟାୟର ଉଲ୍ଲେଖନୀୟ ପ୍ରତିଫଲନ୍ ବଲି ଶ୍ରୀ ମୋଦୀ କହିଛନ୍ । ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ଆଏଜ୍ ଦେଶ୍‌ବାସୀଙ୍କର୍ ସହେତେ ଭାବ୍ ଦିଆନିଆ କରିକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଇହାଦେର୍ ଥିତିଥି ଦେଶର୍ ବହୁତ୍‌ଟେ ଲୋକ୍ କେନ୍‌ସି ନା କେନ୍‌ସି ସାମାଜିକ୍ ସୁରକ୍ଷାର୍ ସୁଫଲ୍ ପାଉଛନ୍ । ଆନ୍ତର୍ଜାତିକ୍ ଶ୍ରମ ସଂଗଠନ୍ ଆଇଏଲ୍‌ଓ ରିପୋର୍ଟ ବାବ୍‌ଦେ ଶ୍ରୀ ମୋଦୀ କହିଛନ୍, ଦେଶର୍ ୯୫ କୋଟି ଲୋକ୍

ସାମାଜିକ୍ ସୁରକ୍ଷା ଯୋଜ୍ନାଥି ସାମିଲ୍ ଅଛନ୍ । ୨୦୧୫ ମସିହାତକ୍ ଭିନ୍ ଭିନ୍ କଲ୍ୟାଣ୍କାରୀ ଯୋଜ୍ନାର୍ ସୁଫଲ୍ ଦେଶର୍ ୨୫ କୋଟିନୁ କମ୍ ଲୁକ୍କର୍ ପାଖେ ପୁହୁଁଚିଥିଲା । ଏନ୍ତା ସଫଲତା ଆତ୍ମବିଶ୍ୱାସ୍ ବଢ଼େଇଛେ ଆଉ ଭାରତ୍ ଇତାକେ ନେଇକରି ସବୁ କ୍ଷେତ୍ରଥି ଶକ୍ତିଶାଳୀ ହେବାର୍କେ ଚେରେଷ୍ଟା ଜାରି ରଖିଛେ ।

(ଭଏସ୍ ଓଭର୍-୧- ପ୍ରଧାନ୍ମନ୍ତ୍ରୀ)

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ତର୍ଫୁ ଭାରତ୍କେ ଟ୍ରାକୋମା ମୁକ୍ତ ଘୋଷ୍ନା କରାଯିବାର୍ ବାବ୍ଦେ କହିକରି ପ୍ରଧାନ୍ମନ୍ତ୍ରୀ ସ୍ୱଚ୍ଛ ଭାରତ୍ ଅଭିଯାନ୍ ଆଉ ଜଲ୍ଜୀବନ୍ ମିଶନ୍ ଇ ସଫଲ୍ତାଥି ଗୁଟେ ବଡ଼ ଭୂମିକା ନେଇଛନ୍ ବଲି କହିଛନ୍ ।

ଜରୁରୀକାଲୀନ୍ ପରିସ୍ଥିତିକେ ସୁର୍ତା କରିକରି ପ୍ରଧାନ୍ମନ୍ତ୍ରୀ କହିଛନ୍, ଇତାକେ ଲାଗୁ କରିକରି ସେତେବେଲର୍ ସର୍କାର୍ ଖାଲି ସମ୍ୱିଧାନ୍କେ ହତ୍ୟା ନାଇଁ କରିଥାଇ ନ୍ୟାୟପାଲିକାକେ ଭିଲ୍ ନିଷ୍କ୍ରିୟ କରିଦେଇଥିଲେ । ଇ ପରିସ୍ଥିତିକେ ଦୃଢ଼ତାର୍ ସହେତେ ସାମ୍ନା କରିଥିବା ବ୍ୟକ୍ତି ବିଶେଷ୍ମାନ୍କୁ ସଭେ ସୋର୍ ରଖିବାର୍ କଥା ବଲି ପ୍ରଧାନ୍ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ ।

ଗଲା ୨୧ ତାରିଖ୍ ପାଲିତ୍ ହେଇଥିବା ଅନ୍ତର୍ଜାତୀୟ ଯୋଗ ଦିବସ୍ ବାବ୍ଦେ ଉଲ୍ଲେଖ କରିକରି ଇ ବଛ୍ରର୍ ବିଷୟବସ୍ତୁ ଗୁଟେ ପୁର୍ଥି ଆଉ ସୁସ୍ଥତା ଲାଗି ଯୋଗ ଖାଲି ଗୁଟେ ସ୍ଲୋଗାନ୍ ନୁହେଁ ବସୁଧୈବ କୁଟୁମ୍ବକମ୍ର ସାର୍ ଆଏ ବଲି ପ୍ରଧାନ୍ମନ୍ତ୍ରୀ କହିଛନ୍ ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ପ୍ରଧାନ୍‌ମନ୍ତ୍ରୀ କୈଲାସ୍ ମାନସରୋବର୍ ଯାତ୍ରା, ଅମର୍‌ନାଥ୍ ଯାତ୍ରା ଆଉ ଶ୍ରୀ ଜଗନ୍ନାଥ୍ ରଥଯାତ୍ରା ବାବ୍‌ଦେ ସୂଚନା ଦେଇକରି କହିଥିଲେ, ଇ ସବୁ ଧାର୍ମିକ ଯାତ୍ରା ସେବା ଭାବ୍‌ନା ଲାଗି ଗୁଟେ ସୁଯୋଗ୍ ଦେସି । ଦେଶର୍ ହସ୍ତଶିଳ୍ପ ଆଉ ଦକ୍ଷତାର୍ ବିବିଧତାର୍ ଗୁଟେ ମୁଖିଆ କ୍ଷେତ୍ର ଆଏ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ମେଘାଲୟର୍ ଏରିସିଲ୍କ ବାବ୍‌ଦେ ଭିଲ୍ କହିଛନ୍ । ମହିଳାମାନ୍‌କର୍ ନେତୃତ୍ୱଥି ବିକାଶ୍ ବାବ୍‌ଦେ ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଦେଶର୍ ମହିଳା ସାରା ସମାଜ୍ ଲାଗି ନୂଆଁ ଦିଗ୍‌ଦର୍ଶନ୍ ଦେଉଛନ୍ । ଇ ଅବ୍‌ସରେ ଦେଶର୍ କେତେଟା ଇଲାକା ନ ମହିଳା ଚାଷୀ ଆଉ ଉଦ୍ୟୋଗୀମାନ୍‌କର୍ ଉପ୍‌ରେ ପ୍ରଧାନ୍‌ମନ୍ତ୍ରୀ ଜୋର୍ ଦେଇଛନ୍ ।

(ଭଏସ୍ ଓଭର୍- ୨- ପ୍ରଧାନ୍‌ମନ୍ତ୍ରୀ)

ବିଶ୍ୱ ପରିବେଶ୍ ଦିବସ୍ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଗଛ୍ ଜଗାବାର୍ ଲାଗି ଆହ୍ୱାନ୍ ଦେଇଛନ୍ । ଏକ୍ ପେଡ୍ ମା କେ ନାମ୍ ଅଭିଯାନ୍‌ଥି ଚାରା ରୋପଣ୍ ଉଲ୍ଲେଖନୀୟ ସଫଲତା ପାଇଛେ ବଲି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ ।

(ଭଏସ୍ ଓଭର୍-୩- ପ୍ରଧାନ୍‌ମନ୍ତ୍ରୀ)

ଜନ ଅଭିଯୋଗ୍ ଶୁଣାଣି-ସ୍ଥଗିତ I&PR

ଆଏବା କାଏଲ୍ ଭୁବ୍‌ନେଶ୍ୱର୍ ଠାନେ ହେବାର୍‌କେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି କାର୍ଯ୍ୟକ୍ରମ୍‌କେ ସ୍ଥଗିତ୍ ରଖାଯାଇଛେ । ଅନିବାର୍ଯ୍ୟ କାରଣ୍ ଲାଗି ଇତାକେ ସ୍ଥଗିତ୍ ରଖାଯାଇଥିବା ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଇ ଅଭିଯୋଗ୍ ଶୁଣାଣି ଲାଗି ଅନ୍‌ଲାଇନ୍ ପଞ୍ଜିକରଣ୍ କରିଥିବା ଜନସାଧାରଣ୍‌ଙ୍କର୍ ଆପତି ଅଭିଯୋଗ୍ ପରବର୍ତୀ ଜନଶୁଣାଣି ଶିବିର୍‌ଥି ଗ୍ରହଣ୍ କରାଯିବା ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

ଶିଶୁ ସେବିକା I&PR

ରାଜ୍ୟର୍ ଶିଶୁବାଟିକା ମାନ୍‌କେ ଶିଶୁ ସେବିକା ନିୟୋଜିତ୍ କର୍‌ବାର୍ ଲାଗି ସର୍‌କାର୍ ନିଷ୍ପତି ନେଇଛନ୍ । ଶିଶୁ ସେବିକାମାନେ ଛୋଟ୍ ଛୁଆମାନ୍‌କୁ ସାହାଜ୍ କର୍‌ବାର୍ ସହେତେ ଶିକ୍ଷକ୍‌ମାନ୍‌କର୍ ଉପ୍‌ରେ ହେଉଥିବା ଅଣ ଶିକ୍ଷା କାମର୍ ଚାପକେ କମ୍ କର୍‌ବାର୍ ଲାଗି ସର୍‌କାର୍ ଇ ପଦକ୍ଷେପ୍ ନେଇଛନ୍ । ଇତାର୍‌ଜରିଏ ପ୍ରାକ୍ ପ୍ରାଥମିକ୍ ଶ୍ରେଣୀଥି ଛୁଆମାନ୍‌କୁ ଗୁଣାତ୍ମକ ଶିକ୍ଷା ଦିଆଯାଇପାର୍‌ବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଜାତୀୟ ଶିକ୍ଷା ନୀତି ୨୦୨୦ ଅନ୍‌ସାରେ ରାଜ୍ୟର୍ ୪୫ ହଜାର୍ ସର୍‌କାରୀ

ପ୍ରାଥମିକ ବିଦ୍ୟାଳୟମାନ୍‌କେ ଇ ଶିକ୍ଷା ବଛରନୁ ଶିଶୁବାଟିକା ଖୁଲାଯାଇଛେ । ଛୁଆମାନ୍‌କର୍ ସଂଖ୍ୟାକେ ନଜର୍‌ଥି ରଖିକରି ଦର୍‌କାର୍ ଅନ୍‌ସାରେ ଶିଶୁ ସେବିକା ନିଯୁକ୍ତି ଲାଗି ନିଷ୍ପତି ନିଆଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଶାଶ୍ୱତ୍ ମିଶ୍ର-ମୁଖ୍ୟମନ୍ତ୍ରୀଙ୍କର୍ ପ୍ରମୁଖ ସଚିବ ଏକ୍ସ

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ପ୍ରମୁଖ ସଚିବ ଭାବେ ବରିଷ୍ଠ ପ୍ରଶାସନିକ୍ ଅଧିକାରୀ ଶାଶ୍ୱତ୍ ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଛେ । ଇତାର୍ ସହେତେ ସେ ଅର୍ଥ ବିଭାଗ୍‌ର ପ୍ରମୁଖ ସଚିବ ଆଉ ଇଡ୍‌କୋର ଅଧକ୍ଷ ଭାବେ ଅତିରିକ୍ତ ଦାୟିତ୍ୱଥି ରହେବେ ।

ରାଜସ୍ୱ ମନ୍ତ୍ରୀ-ସମ୍ବଲପୁର ସମ୍ବଲପୁର ସମ୍ବାଦଦାତା

ଓଡ଼ିଶା ଫି' ବଛର୍ ପ୍ରାକୃତିକ ବିପର୍ଯ୍ୟୟ ସାମ୍ନା କରୁଥିବାର୍‌ନୁ ବିଭାଗ୍ ବଛର୍‌ଯାକ ସଜାଗ୍ ଥିସି ବଲି ସମ୍ବଲ୍‌ପୁର୍ ଗସ୍ତଥି ଆସିକରି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ରାଏଜେ ଜାରି ରହିଥିବା ଲଘୁଚାପ୍ ବର୍ଷା ଲାଗି ଭିନ୍ ଭିନ୍ ନଦୀ ମାନ୍‌କେ ବନ୍ୟା ପରିସ୍ଥିତି ଦେଖାଦେଇଛେ ଆଉ ଜିଲ୍ଲା ମାନ୍‌କେ ଜିଲ୍ଲାପାଲ୍‌ଙ୍କର୍ ସହେତେ କଥା ହେଇକରି ସତର୍କ

ରହେବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ଇତାର୍‌ସହେତେ ହୀରାକୁଦ୍ ବନ୍ଧାର୍ ମୁଖ୍ୟଯନ୍ତ୍ରୀଙ୍କର୍ ସହେତେ ଭିଲ୍ ମନ୍ତ୍ରୀ ଶ୍ରୀ ପୂଜାରୀ କଥା ହେଇଛନ୍ ।

ପଂଚାୟତିରାଜ୍ ମନ୍ତ୍ରୀ-ସମ୍ବଲ୍‌ପୁର୍    ସମ୍ବଲପୁର ସମ୍ବାଦଦାତା

ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଆଏଜ୍ ସମ୍ବଲ୍‌ପୁର୍ ଜିଲ୍ଲା ସାର୍କିଟ୍ ହାଉସ୍ ଠାନେ ଭିନ୍ ଭିନ୍ ବିଭାଗ୍‌ର ଅଧିକାରୀମାନ୍‌କର୍ ସାଙ୍ଗେ ଗୁଟେ ସମୀକ୍ଷା ବୈଠକ୍ କରିଛନ୍ । ଜିଲ୍ଲାର୍ ରାସ୍ତା , ପିଇବାର୍ ପାଏନ୍, ଶିକ୍ଷାର୍ ସମସ୍ୟା ବାବ୍‌ଦେ ବୈଠକ୍‌ଥି ଆଲୋଚନା ହେଇଛେ ।

ପରିସଂଖ୍ୟାନ୍ ଦିବସ       ଆର୍‌ଏନ୍‌ୟୁ ସମ୍ବଲପୁର୍

ସବୁଦିନିଆ ଜୀବନ୍‌ଥି ପରିସଂଖ୍ୟାନ - ଷ୍ଟାଟିଷ୍ଟିକ୍ସର ବେଭାର୍‌କେ ଲୋକପ୍ରିୟ କର୍‌ବାର୍ ଲାଗି ଫି ବଛର୍ ଆଝିର୍ ଦିନ୍‌କେ ଜାତୀୟ ପରିସଂଖ୍ୟାନ୍ ଦିବସ୍ ଭାବେ ଭାରତ୍ ସର୍‌କାର୍ ପାଲନ୍ କରୁଛନ୍ । ଜାତୀୟ ପରିସଂଖ୍ୟାନ ପଦ୍ଧତି ଲାଗି ପ୍ରଫେସର୍ ପ୍ରଶାନ୍ତ ଚନ୍ଦ୍ର ମହାଲୋନୋବିସ୍‌ଙ୍କର୍ ଖୋବ୍ ଅବଦାନ୍ ଥିବାର୍‌ନୁ ତାଙ୍କର୍ ଜନମ୍‌ଦିନ୍ ଜୁନ୍ ୨୯ ତାରିଖ୍‌କେ ୨୦୦୭ ମସିହାନୁ ଜାତୀୟ ପରିସଂଖ୍ୟାନ ଦିବସ୍

ଭାବେ ପାଲନ୍ କରାଯାଉଛେ । ଇନ ଜନେଇ ଦିଆଯାଇପାରେ ଯେ, ଦେଶ୍ ଆର୍ ରାଜ୍ୟ ମାନ୍କର୍ ଯୋଜ୍ନା ତିଆର୍ ଆର୍ ଲାଗୁ କର୍ବାର୍ କ୍ଷେତ୍ରଥି ପରିସଂଖ୍ୟାନ୍ର ଭୂମିକା ରହିଛେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ଆରବ୍ ସାଗର୍ ଆର୍ ବଙ୍ଗୋପ୍ସାଗର୍ ନ ୨ ଟା ଲଘୁଚାପ୍ ସୃଷ୍ଟି ହେଇଛେ । ଇତାର୍ ପ୍ରଭାବ୍ଥି ଦେଶର୍ ଭିନ୍ ଭିନ୍ ଜାଗା ନ ଜବର୍ ବର୍ଷାକେ ନେଇକରି ପାଣିପାଗ୍ ବିଭାଗ୍ ତର୍ଫୁ ସତର୍କ କରାଯାଇଛେ । ବଙ୍ଗୋପ୍ସାଗର୍ ନ ହେଇଥିବା ଲଘୁଚାପ୍ର ବଲେ ରାଏଜେ ଆଏବା ୪ ତାରିଖ୍ତକ୍ ବର୍ଷା ହେଇପାରେ । ଦକ୍ଷିଣ ପଶ୍ଚିମ ମୌସୁମୀ ରାଏଜେ ସକ୍ରିୟ ରହିଛେ । ସମ୍ବଲ୍ପୁର, ଝାର୍ସୁଗୁଡ଼ା, ଦେବ୍ଗଡ଼୍, ସୁନ୍ଦର୍ଗଡ଼୍ ସହେତେ ରାଜ୍ୟର୍ ୧୦ ଟା ଜିଲ୍ଲା ନ ଜବର୍ ବର୍ଷା ହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।